## ସଂକ୍ଷେପରେ

### ଗାଈ ଚୋରି କରି ଚାଲାଣ ଉଦ୍ୟମ, ଯୁବକ ଗିରଫ

ତିହିଡ଼ି,୩।୯(ସଞ୍ଜିତ ବଳ)

ତିହିଡ଼ି ଥାନା ଅଧୀନ ପୁରୁଣା ହାଟ ନିକଟରେ ରବିବାର ରାତିରେ ଗାଈ ଚାଲାଣ ଉଦ୍ୟମ କରି ଜଣେ ଯୁବକ ପୋଲିସ ହାତରେ ଧରାପଡ଼ିଛନ୍ତି। ଯୁବକ ଜଣକ ପିରହାଟ ଅଞ୍ଚଳରୁ ଗାଈ ଚୋରି କରି ଅଟୋରେ ନେଉଥିବା ବେଳେ ପୋଲିସ ଗାଡ଼ିକୁ ଜବତ କରିବା ସହ ତାଙ୍କୁ ସୋମବାର ଗିରଫ କରିଛି। ଗିରଫ ଯୁବକ ହେଲେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଗୁଜିଦରଡ଼ା ଗ୍ରାମର ଖଇରୁଦ୍ଦିନ ଖାଁ। ଏନେଇ ତିହିଡ଼ି ଥାନାରେ ଏକ ମାମଲା(ନଂ.୩୧୬/୨୪) ରୁଜୁ ହୋଇଛି। ପୋଲିସ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ସମୟରେ କୌଣସି ସୂତ୍ରରୁ ଗୋରୁ ଚାଲାଣ ହେଉଥିବା ଜାଣିବାକୁ ପାଇଥିଲା। ପରେ ପୋଲିସ ଗାଇଗୁଡ଼ିକ ବୋଝେଇ ହୋଇଥିବା ମାକ୍ସିମା ଅଟୋକୁ ଜବତ କରିଥିଲା। ଧରାପଡ଼ିବା ପରେ ଖଇରୁଦ୍ଦିନ ନିଜ ଅଞ୍ଚଳରେ ବିକ୍ରି କରିବା ଉଦ୍ଦେଶ୍ୟରେ ରାସ୍ତାରେ ବୁଲୁଥିବା ଗାଇଗୁଡ଼ିକୁ ଚୋରି କରିଛନ୍ତି ବୋଲି ସ୍ୱୀକାର କରିଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ଉଦ୍ଧାର ହୋଇଥିବା ୩ ଗାଈକୁ ପୋଲିସ ମଇତାପୁରସ୍ଥିତ ଗୋଶାଳାରେ ଛାଡ଼ି ଦେଇଛି।

### ଏକାଦଶାହରେ ପ୍ରସନ୍ନଙ୍କ ସ୍ମୃତିଚାରଣ

ବନ୍ତ,୩।୯(ହରି ନାରାୟଣ ମହାନ୍ତି)

ବନ୍ତ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ତରାଗୋ ଗ୍ରାମର ଦିବଂଗତ ସାମାଜିକ କର୍ମୀ ପ୍ରସନ୍ନ କୁମାର ଦାଶଙ୍କ ଏକାଦଶାହ ଅବସରରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଜଗନ୍ନାଥ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲ, ଡ. ଅବନୀ ପ୍ରଧାନ, ସାମାଜିକ କର୍ମୀ ସେକ୍ ଜଲାଲଉଦ୍ଦୀନ, ପଦ୍ମଲୋଚନ ଦାସ, ଅଧ୍ୟାପକ ମାଧବାନନ୍ଦ ଜେନା, ସାହିତ୍ୟିକ ନାରାୟଣ ଚନ୍ଦ୍ର ଲେଙ୍କା, ଶିକ୍ଷକ ରମାକାନ୍ତ ଜେନା ଓ ସୂର୍ଯ୍ୟମଣି ଖୁଣ୍ଟିଆ ଯୋଗ ଦେଇଥିଲେ। ରାଜନୀତିରେ କୌଣସି ପଦ ପଦବୀରେ ନ ରହି ମଧ ପ୍ରସନ୍ନ ରାଜନୈତିକ ବ୍ୟକ୍ତିଙ୍କ ସହଯୋଗରେ ଅଞ୍ଚଳର ବହୁବିଧ ଉନ୍ନତି କରିଆସୁଥିଲେ ବୋଲି ଅତିଥିମାନେ କହିଥିଲେ। ଶିକ୍ଷାବିତ୍ ଭାସ୍କର ଚନ୍ଦ୍ର ପାଢ଼ୀ, ହୃଦାନନ୍ଦ ଦାସ, ନାରାୟଣ ଚନ୍ଦ୍ର ପାଢ଼ୀ, ସନ୍ତୋଷ ଜେନା, ଡ. ପ୍ରଶାନ୍ତ ଖଟୁଆ, ଚନ୍ଦ୍ରମଣି ଦତ୍ତ, ମାଧବ ଚନ୍ଦ୍ର ଜେନା, ହରିହର ନାୟକ ଓ ଭବେନ୍ଦ୍ର ସାହୁ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଶିବାନନ୍ଦ ଦାଶଙ୍କ ସମେତ ଅନ୍ୟମାନେ ସଭା ପରିଚାଳନାରେ ସହଯୋଗ କରିଥିଲେ।

### ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଗୋପୂଜନ



ଭଣ୍ଡାରିପୋଖରୀ,୩।୯(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ ଅଧୀନ ଖପୁରିଆପଦା ବଜରଙ୍ଗ ଯୁବକ ସଂଘ ଆନୁକୂଲ୍ୟରେ ବିଶ୍ୱହିନ୍ଦୁ ପରିଷଦ ସ୍ଥାପନା ଦିବସ ଓ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ପାଳନ ଅବସରରେ ଗୋପୂଜନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶ୍ୱହିନ୍ଦୁ ପରିଷଦର ପୂର୍ବ ପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ ଶରତ ଚନ୍ଦ୍ର ପ୍ରଧାନ, ସନ୍ଥ ସନ୍ତୋଷ ମହାରାଜ ଓ ସନ୍ଥ ଅଚ୍ୟୁତ ଦାସ ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ବଜରଙ୍ଗ ଦଳ ପ୍ରାନ୍ତ ମିଳନ କେନ୍ଦ୍ର ପ୍ରମୁଖ ବିପିନ ବିହାରୀ ପଣ୍ଡା, ବିଭାଗ ସମ୍ପାଦକ ବିଜୟ କୁମାର ସିହ୍ନା, ଜିଲା ସମ୍ପାଦକ ବସନ୍ତ କୁମାର ରାଉତ, ଜିଲା ସେବା ପ୍ରମୁଖ ରଥ କିଶୋର ସାମଲ, ବଜରଙ୍ଗ ଦଳ ଜିଲା ମିଳନ କେନ୍ଦ୍ର ପ୍ରମୁଖ ରଞ୍ଜିତ ପୃଷ୍ଟି, ପ୍ରଖଣ୍ଡ ସଂଯୋଜକ ଚନ୍ଦ୍ର ଶେଖର ରାଉତ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଯୁବକ ସଂଘର ସରୋଜ କୁମାର ରାଉତ, ଅଶୋକ କୁମାର ମଲ୍ଲିକ, ଶରତ ଜେନା, ସୁଶାନ୍ତ ବରାଳ, ରବୀନ୍ଦ୍ର ମଲ୍ଲିକ, ରତିକାନ୍ତ ମଲ୍ଲିକ ପ୍ରମୁଖ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶୋଭାଯାତ୍ରାରେ ବାହାରିବ ୭୦ କାଫେଲା



ପ୍ରସ୍ତୁତି ବୈଠକରେ ଶାନ୍ତି କମିଟି ସଦସ୍ୟ ଓ ଅନ୍ୟମାନେ।

ଭଦ୍ରକ,୩।୯(ସନାତନ ରାଉତ)

**ମହମ୍ମଦ ଜୟନ୍ତୀ ଉପଲକ୍ଷେ ପ୍ରଶାସନିକ ପ୍ରସ୍ତୁତି ବୈଠକ**

- ସାମାଜିକ ଗଣମାଧ୍ୟମର ଦୁରୁପଯୋଗ କଲେ କଡ଼ା କାର୍ଯ୍ୟାନୁଷ୍ଠାନ

ମହମ୍ମଦ ଜୟନ୍ତୀ ପାଳନ ଉପଲକ୍ଷେ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ସଦ୍‌ଭାବନା ସଭାଗୃହରେ ଶାନ୍ତି କମିଟି ସଦସ୍ୟଙ୍କୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏ ଅଧକ୍ଷତା କରିବା ସହ ଭଦ୍ରକରେ ସାମ୍ପ୍ରଦାୟିକ ସଦ୍‌ଭାବ, ଭାଇଚାରା ରକ୍ଷା ପୂର୍ବକ ଶାନ୍ତିଶୃଙ୍ଖଳାର ସହ ମହମ୍ମଦ ଜୟନ୍ତୀ ପାଳନ ନେଇ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ସେପ୍ଟେମ୍ବର ୪ କିମ୍ବା ୫ ସନ୍ଧ୍ୟାରେ ଚନ୍ଦ୍ର ଦର୍ଶନ ଅନୁସାରେ ୧୬ କିମ୍ବା ୧୭ ତାରିଖରେ ମହମ୍ମଦ ଜୟନ୍ତୀ ପାଳନ କରାଯିବ। ଅପରାହ୍ନ ୫ଟାରେ ସାହି ବସ୍ତିରୁ ସୁସଜ୍ଜିତ କାଫେଲା ଶୋଭାଯାତ୍ରା ବାହାରି ଚୌଖଣ୍ଡିଠାରେ ପହଞ୍ଚିବ। ସେଠାରୁ ଶୋଭାଯାତ୍ରା ଆରମ୍ଭ ହୋଇ ସହର ପରିକ୍ରମା କରି ମଦିନା ମଇଦାନରେ ପହଞ୍ଚିବ। ଭଦ୍ରକ ଗ୍ରାମାଞ୍ଚଳରୁ ଗୁଜିଦରଡ଼ା, ବେନ୍ତାଳ, ବିଷ୍ଣୁପୁରବିନ୍ଧା, ରାହାଞ୍ଜା, ଚୂନଟି ଗ୍ରାମର ଜୁଲୁସ ଏଥିରେ ସାମିଲ ହୋଇ ପ୍ରାୟ ୭୦ କାଫେଲା ମୁଖ୍ୟ ଶୋଭାଯାତ୍ରାରେ ଅଂଶଗ୍ରହଣ କରିବ। ଶୋଭାଯାତ୍ରାରେ ଡିଜେ ବ୍ୟବହାର କରାଯିବ ନାହିଁ ବୋଲି ଭଦ୍ରକ ମୁସ୍‌ଲିମ୍ ଜମାତ ପକ୍ଷରୁ କୁହାଯାଇଛି।

ଏସ୍‌ପି ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ଉପଜିଲାପାଳ ମନୋଜ ପାତ୍ର, ଡେପୁଟୀ କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ପ୍ରମୁଖ ବୈଠକରେ ଯୋଗଦେଇ ମତାମତ ରଖିଥିଲେ। ଭଦ୍ରକ ମୁସ୍‌ଲିମ୍ ଜମାତର ସଭାପତି ହାଜି ମହମ୍ମଦ ଅବଦୁଲ ବାରୀଙ୍କ ଅନୁମତିକ୍ରମେ ସମ୍ପାଦକ ହାଜି ଅବଦୁଲ ମୋକିତ ଖାଁ ମହମ୍ମଦ ଜୟନ୍ତୀ ପାଳନ ପାଇଁ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ଦେଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ, ଶୋଭାଯାତ୍ରାରେ ଅଂଶଗ୍ରହଣ କରୁଥିବା କାଫେଲା ସୁରକ୍ଷା ନିମନ୍ତେ ପୋଲିସ ମୁତୟନ ବ୍ୟବସ୍ଥା ସମ୍ବନ୍ଧରେ ସୂଚନା ପ୍ରଦାନ ସହ ସାମ୍ପ୍ରଦାୟିକ ସଦ୍‌ଭାବନା, ଭାଇଚାରା ଭଙ୍ଗ ହେଲା ଭଳି କୌଣସି ସାମାଜିକ ଗଣମାଧ୍ୟମର ଦୁରୁପଯୋଗୀମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ପ୍ରକାଶ କରିଥିଲେ। ରାସ୍ତା ମରାମତି, ଆଲୋକୀକରଣ, ଗଛର ଡାଳକଟା, ଝୁଲି ପଡ଼ିଥିବା ବିଦ୍ୟୁତ୍ ତାର ଉପରକୁ ଉଠାଇବା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ସରବରାହ ଆଦି ଦିଗରେ ପଦକ୍ଷେପ ନେବାକୁ ଜିଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହିନ୍ଦୁ ସୁରକ୍ଷା ସମିତିର ସଭାପତି ବିଦ୍ୟାଧର ସାହୁ, ଶାନ୍ତି କମିଟି ସଦସ୍ୟ ଅତିସ୍ କୁମାର ବେହେରା, ଗୌରାଙ୍ଗ ପଣ୍ଡା, ସୁଧାକର ରାଉତ, ମୁସ୍‌ଲିମ୍ ଜମାତର କର୍ମକର୍ତ୍ତା ସେକ୍ ସିରାଜୁଦ୍ଦିନ୍, ସେକ୍ ଜକାଉଲ୍ଲା, ଜାମିଲ ଅଖତର ଖାଁ, ସେକ୍ ଏନହା ମହମ୍ମଦ, ଏସ୍.ଏମ୍. ଫାରୁକ୍ ପ୍ରମୁଖ ବୈଠକରେ ଯୋଗଦେଇ ମତ ରଖିଥିଲେ।

# ମହମ୍ମଦଙ୍କ ସମ୍ପର୍କରେ ଅଶାଳୀନ ମନ୍ତବ୍ୟକୁ ବିରୋଧ



ମୁସ୍‌ଲିମ୍ ଜମାତର କର୍ମକର୍ତ୍ତା ତହସିଲଦାର ଦୀପକ କୁମାର ଦାସଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଧାମନଗର,୩।୯ (ସନ୍ତୋଷ କୁମାର ମହାପାତ୍ର)

**ମୁସ୍‌ଲିମ୍ ଜମାତ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର**

ପ୍ରଫେଟ ହଜରତ ମହମ୍ମଦଙ୍କ ସମ୍ପର୍କରେ ଆପତ୍ତିଜନକ ମନ୍ତବ୍ୟକୁ ଧାମନଗର ମୁସ୍‌ଲିମ୍ ଜମାତ ପକ୍ଷରୁ ବିରୋଧ କରାଯାଇଛି। ଏନେଇ ଜମାତ ପକ୍ଷରୁ ତହସିଲଦାର ଦୀପକ କୁମାର ଦାସଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଇସ୍‌ଲାମ୍ ଧର୍ମଗୁରୁ ପ୍ରଫେଟ ହଜରତ ମହମ୍ମଦ ଓ ତାଙ୍କ ପତ୍ନୀଙ୍କ ସମ୍ପର୍କରେ ମହାରାଷ୍ଟ୍ରରେ ମହନ୍ତ ରାମଗିରି ମହାରାଜ ଏକ ସଭାରେ ଅଶାଳୀନ ମନ୍ତବ୍ୟ ଦେଇଥିଲେ। ଏହାକୁ ନେଇ ମୁସ୍‌ଲିମ୍ ସମାଜ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି। ଜମାତର କର୍ମକର୍ତ୍ତା ତଥା ଉର୍ସ କମିଟି ଉପସଭାପତି ସୟଦ ମୁସ୍ତଫା ରଜା, ଜଗତି କଦମରସୁଲ କମିଟି ସାଧାରଣ ସମ୍ପାଦକ ସେକ୍ ସୈଫୁଦ୍ଦିନ, ଏମ୍‌ଡି ଫଜଲେ ବାରି, ଗୋଲାମ ଜିଲାନି ହବିବି, ସେକ୍ ଅବଦୁଲ ହାକିମ, ସେକ୍ ଜାଫର ଅଲ୍ଲୀ ହବିବି, ସେକ୍ ଗୋଲାମ ଅଲ୍ଲୀ ହବିବି, ଏମ୍‌ଡି ହବିବୁର ରହେମାନ, ଏମ୍‌ଡି ଫକିରୁଦ୍ଦିନ, ସେକ୍ ମୁକ୍ତାର, ଏମ୍‌ଡି ତାଜୁଦ୍ଦିନ, ସେକ୍ ଅଫସର ଅଲ୍ଲୀ, ମୌଲାନା ଇଲିୟାସ ପ୍ରମୁଖ ପ୍ରତିନିଧି ମଣ୍ଡଳୀ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

### ମତୋ କଲେଜର ପ୍ରତିଷ୍ଠା ଦିବସ

# ଅତିଥି ଚୟନକୁ ନେଇ ଛକାପଞ୍ଝା

ଚାନ୍ଦବାଲି,୩।୯ (ଅଶୋକ ପଣ୍ଡା)

**୧୬୩ ଜାରି କଲା ପ୍ରଶାସନ**

ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଧୀନ ମତୋ ଯୁକ୍ତ ୩ କଲେଜର ୩୩ତମ ପ୍ରତିଷ୍ଠା ଦିବସ ବୁଧବାର ପାଳନ ହେବ। ଏହି ଉତ୍ସବରେ ଅତିଥି ଚୟନକୁ ନେଇ ଦେଖାଦେଇଥିବା ଅସନ୍ତୋଷ କୁହୁଳୁଛି। ବାଧ ହୋଇ ଜିଲା ପ୍ରଶାସନ ପକ୍ଷରୁ ୧୬୩ ଧାରା ଜାରି କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ମୁଖ୍ୟବକ୍ତା ଭାବେ ଏମ୍‌ପି ଅଭିମନ୍ୟୁ ସେଠୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ନିମନ୍ତ୍ରଣପତ୍ର ଛପା ହୋଇ ବଣ୍ଟାଯାଇଛି। ହେଲେ ସ୍ଥାନୀୟ ବିଧାୟକ ବିଜେଡିର ବ୍ୟୋମକେଶ ରାୟଙ୍କୁ ଏହି ଉତ୍ସବରେ ଅତିଥି କରାଯାଇ ନ ଥିବାରୁ ତାଙ୍କ ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏମ୍‌ପି ଓ ଭାଜପା ରାଜ୍ୟ ସଭାପତିଙ୍କୁ ଦଳୀୟ ସମର୍ଥକମାନେ ଖେରଙ୍ଗ ଛକଠାରୁ କଲେଜ ପର୍ଯ୍ୟନ୍ତ ବାଇକ୍ ଶୋଭାଯାତ୍ରାରେ ନେବେ ବୋଲି ପ୍ରସ୍ତୁତି କରାଯାଇଛି। ଏହି ଶୋଭାଯାତ୍ରା ସମୟରେ ବିରୋଧୀଙ୍କ ପକ୍ଷରୁ କଳାପତାକା ପ୍ରଦର୍ଶନ, ଅଣ୍ଡାମାଡ଼ ଓ ରାସ୍ତାରୋକୋ କରାଯିବାର ସମ୍ଭାବନା ଅଛି ବୋଲି ଚାନ୍ଦବାଲି ଥାନାଧିକାରୀ ଉପଜିଲାପାଳଙ୍କୁ ଜଣାଇବା ପରେ ସ୍ଥାନୀୟ ଅଞ୍ଚଳରେ ଧନଜୀବନ ସୁରକ୍ଷା ଓ ଆଇନଶୃଙ୍ଖଳା ରକ୍ଷା ପାଇଁ ବୁଧବାର ସକାଳ ୭ଟାରୁ ଗୁରୁବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ବିଏନ୍‌ଏସ୍ ୧୬୩ ଜାରି କରାଯାଇଥିବା ନିର୍ଦ୍ଦେଶନାମାରେ ଜଣାଇଛନ୍ତି।

ମଙ୍ଗଳବାର ଉପଜିଲାପାଳ ମନୋଜ ପାତ୍ରଙ୍କ ଚିଠି ନଂ. ୩୬୬୪ ଅନୁସାରେ ଚାନ୍ଦବାଲି ପୋଲିସ ପକ୍ଷରୁ ମାଇକ୍ ଯୋଗେ ପ୍ରଶାସନର ନିର୍ଦ୍ଦେଶନାମାକୁ ସ୍ଥାନୀୟ ଅଞ୍ଚଳରେ ଜଣାଇ ଦିଆଯାଇଛି। ମତୋ ବଜାର, ଖେରଙ୍ଗ ବଜାର, ନାଲଗୁଣ୍ଡା ଛକ, ପରମାନନ୍ଦପୁର ଛକ, ଦିଗଛିଆ ବଜାର ସମେତ କଲେଜର ୧ କିଲୋମିଟର ଦୂରତା ମଧ୍ୟରେ କୌଣସି ଶୋଭାଯାତ୍ରା ଓ ରାସ୍ତାରୋକୋ ନ କରିବାକୁ ମାଇକ୍ ଯୋଗେ ଘୋଷଣା କରାଯାଇଛି। ସୂଚନାଥାଉ କି, ୩ ଦିନ ହେବ ୨୦ରୁ ଅଧିକ ପୋଲିସ ଆସି ମତୋ କଲେଜରେ ଡେରା ପକାଇଛନ୍ତି। ୭ ତାରିଖ ପର୍ଯ୍ୟନ୍ତ ସେମାନେ ରହିବେ ବୋଲି ଜଣାଯାଇଛି।

### ପ୍ରତିମୂର୍ତ୍ତି ଅନାବରଣ, ଅବସରକାଳୀନ ସମ୍ବର୍ଦ୍ଧନା

ଅସୁରାଳି,୩।୯(ସନ୍ତୋଷ ପ୍ରଧାନ)

ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କର୍ମଚାରୀ ପରିଷଦ, ମୋ ସ୍କୁଲ ଅଭିଯାନ ଓ ପୁରାତନ ଛାତ୍ରସଂସଦ ଆନୁକୂଲ୍ୟରେ ପ୍ରତିଷ୍ଠାତା, ବିଶିଷ୍ଟ ଜନନେତା, ପୂର୍ବତନ ବିଧାୟକ ସ୍ୱର୍ଗତ ହୃଦାନନ୍ଦ ମଲ୍ଲିକ ଓ ପ୍ରତିଷ୍ଠାତା ସମ୍ପାଦକ ସ୍ୱର୍ଗତ ବଂଶୀଧର ଖଟୁଆଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଇଛି। ଏହି ଅବସରରେ ବିଦାୟୀ ଅଧକ୍ଷ ପ୍ରାଧ୍ୟାପକ ଦିଲୀପ କୁମାର ମହାନ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ମଙ୍ଗଳବାର ମୋ ସ୍କୁଲ ଅଭିଯାନର ସଭାପତି ସୁଶାନ୍ତ କୁମାର ନାୟକଙ୍କ ପୌରୋହିତ୍ୟ ଓ କର୍ମଚାରୀ ପରିଷଦର ସମ୍ପାଦକ ଅଧ୍ୟାପକ ନୀହାର ରଞ୍ଜନ କରଙ୍କ ସଂଯୋଜନାରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ, ମୁଖ୍ୟବକ୍ତା ପୂର୍ବତନ ଅଧକ୍ଷ ଶରତ ଚନ୍ଦ୍ର ତ୍ରିପାଠୀ, ବରେଣ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ମଲ୍ଲିକ, ଆଇଏମ୍‌ଏ ଉପଦେଷ୍ଟା ଡା. ହରେକୃଷ୍ଣ ନାୟକ, ଅଧ୍ୟାପକ ନିକୁଞ୍ଜ କିଶୋର ଜେନା ଏବଂ ମୋ ସ୍କୁଲ ଅଭିଯାନର କାର୍ଯ୍ୟକାରୀ ସଭାପତି ତଥା ସରପଞ୍ଚ ଅନ୍ତର୍ଯ୍ୟାମୀ ପତି ଯୋଗ ଦେଇଥିଲେ। ମିଛ କବିତା ସମ୍ପାଦକ ଦୀପ୍ତିରଞ୍ଜନ ନାୟକ, ପୂର୍ବତନ ସମିତିସଭ୍ୟ ରମେଶ ଚନ୍ଦ୍ର ବେହେରା, ମୋ ସ୍କୁଲ ଅଭିଯାନ ସଙ୍ଗଠନ ସମ୍ପାଦକ ମୃତ୍ୟୁଞ୍ଜୟ ସାହୁ, ଅଧାପିକା ରଶ୍ମିତା ପାଣି, ସୁରେଖା ମହାନ୍ତି, ଅଧାପିକା ଡ. ଶ୍ରଦ୍ଧାଞ୍ଜଳି ମହାନ୍ତି, ସମୀର ଗୋସ୍ୱାମୀ, ପ୍ରଦୀପ କୁମାର ଦାଶ, ରତିକାନ୍ତ ନାୟକ, ଉମାକାନ୍ତ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଲକ୍ଷ୍ମୀଧର ଦାଶ ଅତିଥି ପରିଚୟ ଦେଇଥିବା ବେଳେ ଅଧ୍ୟାପକ ଅମରେନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ ଓ ସ୍ୱାଧୀନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ସାପ ଧରିବା କୌଶଳ ପ୍ରଶିକ୍ଷଣ



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବନ ବିଭାଗ ଅଧିକାରୀମାନେ।

ଚାନ୍ଦବାଲି,୩।୯(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବନ୍ୟପ୍ରାଣୀ ବନଖଣ୍ଡ କାର୍ଯ୍ୟାଳୟରେ ଚାଲିଥିବା ସାପ ଧରିବା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଛି। ସାପଧରାଳି ଶୁଭେନ୍ଦୁ ସ୍ୱାଇଁ ବିଷଧର ସାପ ସହଜରେ ଧରିବା ପାଇଁ କାର୍ଯ୍ୟାଳୟର କର୍ମଚାରୀମାନଙ୍କୁ ବିଭିନ୍ନ କୌଶଳ ଶିଖାଇଥିଲେ। ଡିଏଫ୍‌ଓ ସୌଭାଗ୍ୟ କୁମାର ସାହୁ, ଏସିଏଫ୍ ସୁମିତ ମହାନ୍ତି, ମଧୁସ୍ମିତା ଦାସ, ରେଞ୍ଜର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟର କୁମୁଦ ସାହୁ, ଗାର୍ଡ ସୁବ୍ରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ‘ମୋ ଘର ଭଙ୍ଗାଗଲା, ସମସ୍ତଙ୍କର ଭଙ୍ଗାଯାଉ’

ଭଦ୍ରକ,୩।୯(ସନାତନ ରାଉତ)

**କଲେଜ ରୋଡ୍‌ରୁ ଜବରଦଖଲ ଉଚ୍ଛେଦ**

ଭଦ୍ରକ ସହରରେ ଗତ କିଛିଦିନ ଧରି ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ଚାଲିଛି। ଏବେ ୪ ଦିନ ହେଲା କଲେଜ ରୋଡ୍‌ର ଉଭୟ ପାର୍ଶ୍ୱରେ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ଜଗନ୍ନାଥପୁର ଏରିଆରେ ଥିବା ଭଦ୍ରକ କଲେଜ ଗେଟ୍ ନିକଟରେ ସରକାରୀ ଜାଗାରେ ଗୋଟିଏ ପ୍ଲଟ୍‌ରେ ଏକାଧିକ ବ୍ୟକ୍ତିଙ୍କ ଘର ଥିବାବେଳେ ଲକ୍ଷ୍ମୀଧର ପଣ୍ଡା ନାମକ ବ୍ୟକ୍ତିଙ୍କ ଘର ସୋମବାର ଭାଙ୍ଗି ଦିଆଯାଇଛି। ଘରର ତଳ ତାଲାରେ ପରିବାର ସହ ସେ ବସବାସ କରୁଥିବା ବେଳେ ଏକ ଔଷଧ ଦୋକାନ, ଉପର ତାଲାରେ କଲେଜ ପିଲାଙ୍କର ଗୋଟିଏ ମେସ୍ ଚାଲିଥିଲା। ସେଥିରୁ ଯାହା ଭଡ଼ା ଆଦାୟ ହୁଏ ତାଙ୍କ ପରିବାର ପ୍ରତିପୋଷଣ ହୋଇଥାଏ। ଉକ୍ତ ଜାଗାରେ ଅନ୍ୟ ବ୍ୟକ୍ତିମାନଙ୍କର ଥିବା ୨/୩ ମହଲା କୋଠାଘରେ ମଧ ଭଡ଼ାରେ ମେସ୍ ଚାଲିଥିଲା। ଗତ ଡିସେମ୍ବରରେ ତହସିଲଦାର ମାପଚୁପ କରି ନୋଟିସ୍ ଲଗାଇଥିଲେ। ଏବେ ଜବରଦଖଲ ଉଚ୍ଛେଦ ଚାଲିଥିବା ବେଳେ ତାଙ୍କ ଘର ଭାଙ୍ଗି ଦିଆଗଲା। କିନ୍ତୁ ସେହି ପ୍ଲଟ୍‌ରେ ଅନ୍ୟ ବ୍ୟକ୍ତିଙ୍କ ଘର ଭଙ୍ଗାଯାଇ ନାହିଁ ବୋଲି ଲକ୍ଷ୍ମୀଧର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।



ସରକାରୀ ଜାଗାରୁ ତାଙ୍କ ଘର ଭଙ୍ଗାଗଲା, ଅନ୍ୟ ସମସ୍ତଙ୍କ ଘର ଭଙ୍ଗାଯାଉ ବୋଲି ସେ ଦାବି କରିଛନ୍ତି।

ପ୍ରକାଶଥାଉ କି, ଭଦ୍ରକ କଲେଜ ଗେଟ୍ ନିକଟରେ ସରକାରୀ ଜମିରେ କେତେଜଣ ବ୍ୟକ୍ତି ୨/୩ ମହଲା କୋଠାଘର କରି ଭଡ଼ା ଲଗାଇଥିଲେ। ସରକାରୀ ଜାଗାରେ କେଉଁ ସାହସରେ ବଡ଼ ବଡ଼ ଅଟ୍ଟାଳିକା ନିର୍ମାଣ କରାଯାଇଥିଲା ଓ ନିର୍ମାଣ ବେଳେ ପ୍ରଶାସନ ଚୁପ୍ ରହିଥିଲା କାହିଁକି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। କଲେଜ ରୋଡ୍‌ର ଉଭୟ ପାର୍ଶ୍ୱରେ ଜବରଦଖଲ ଉଚ୍ଛେଦ ଚାଲିଥିବା ବେଳେ ଦୋକାନ ଗୃହ ସମେତ ବହୁ ବଡ଼ ବଡ଼ ଅଟ୍ଟାଳିକା ମଧ ଧୂଳିସାତ୍ ହୋଇଛି।

# ପ୍ରଜ୍ଞାପୀଠରେ ଅମାବାସ୍ୟା ସାହିତ୍ୟ ଆସର

ଭଦ୍ରକ,୩।୯(ସନାତନ ରାଉତ/ ରବିନାରାୟଣ ଖିଲାର)

ସାହିତ୍ୟ ସଂସ୍କୃତି ସଙ୍ଗଠନ ‘ଆମେ’ ଆନୁକୂଲ୍ୟରେ ଭଦ୍ରକ ‘ପ୍ରଜ୍ଞାପୀଠ’ଠାରେ ୭୪ତମ ଅମାବାସ୍ୟା ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ସଭାପତି ଲଲାଟେନ୍ଦୁ ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଏହି ଆସରରେ ଅବସରପ୍ରାପ୍ତ ଅଧକ୍ଷ ପ୍ରଫେସର କୃପାସିନ୍ଧୁ ନାୟକ, ପ୍ରାଧ୍ୟାପିକା ଉଷାରାଣୀ ଜେନା ଓ ପୂର୍ବତନ ଜିଲା ପୋଷ୍ଟାଲ ସୁପରିଣ୍ଟେଣ୍ଡେଣ୍ଟ ଦିଗମ୍ବର ଗୋସ୍ୱାମୀ ଯୋଗଦେଇ ‘ଆମ ପରିବେଶ ଓ ସାହିତ୍ୟ’ ଶୀର୍ଷକ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପରିବେଶ ଓ ସାହିତ୍ୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ପରିବେଶ ପ୍ରତି ସମସ୍ତେ ଅଧିକ ସଚେତନ ହେଲେ ସମାଜରେ ସାହିତ୍ୟ ସେତେ ସମୃଦ୍ଧ ହେବ ବୋଲି ମତପ୍ରକାଶ ପାଇଥିଲା। ପ୍ରଫେସର ଅଟଳବିହାରୀ ନାୟକ, ଅଧାପିକା ମଧୁସ୍ମିତା ନାୟକ, ଅଧ୍ୟାପକ ଅମିତ କୁମାର ନାୟକ, ଲକ୍ଷ୍ମୀକାନ୍ତ ବାରିକ, ଅଧାପିକା ସ୍ୱାଗତିକା ସାହୁ, ଦିଲୀପ କୁମାର ନାୟକ, ଯୁବକବି ଅଂଶୁମାନ ସାହୁ, ଗୀତିକାର ଅରୂପାନନ୍ଦ, ରଜତ ସାହ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଲାଗି ହୋଇଥିବା ସପ୍ତପୁରୀ ପିଠା ବଣ୍ଟନ କରାଯାଇଥିଲା।

# ମୁକୁଳା ସ୍ଲୁଇସ୍, ବିଦ୍ୟୁତ୍ ଖୁଣ୍ଟ ଭରସା



ଯାତାୟାତ ଲାଗି ସ୍ଲୁଇସ୍‌ଗେଟ୍ ପୋଲ ଉପରେ ବିଦ୍ୟୁତ୍ ଖୁଣ୍ଟ ପକାଯାଇଛି।

ଭଣ୍ଡାରିପୋଖରୀ,୩।୯(ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ରହଣିଆ ଗ୍ରାମର ବ୍ରାହ୍ମଣ ଶାସନରୁ ମାଳଦା ପଞ୍ଚାୟତର ଶ୍ୟାମସୁନ୍ଦରପୁର ଗ୍ରାମକୁ ସଂଯୋଗ କରୁଥିବା ସ୍ଲୁଇସ୍‌ଗେଟ୍ ପୋଲ ଉପର ମୁକୁଳା ପଡ଼ିଥିବା ବେଳେ ଲୋକେ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ଏହା ଉପରେ ପଡ଼ିଥିବା ସିମେଣ୍ଟ ବିଦ୍ୟୁତ୍ ଖୁଣ୍ଟ ଯାତାୟାତ ପାଇଁ ଏକମାତ୍ର ଭରସା। ଦୁଇ ଗ୍ରାମକୁ ସଂଯୋଗ କରିବା ପାଇଁ ୬ ଶହ ମିଟର ରାସ୍ତା ମଝିରେ ହୋଇଥିବା ଏହି ସ୍ଲୁଇସ୍ ଉପରେ ଛାତ ନ ଥିବାରୁ ବିଦ୍ୟୁତ୍ ଖୁଣ୍ଟ ଯାତାୟାତର ମାଧ୍ୟମ ପାଲଟିଛି। ରହଣିଆ ସ୍କୁଲକୁ ଆସୁଥିବା ପିଲାମାନେ ବିପଦପୂର୍ଣ୍ଣ ବିଦ୍ୟୁତ୍ ଖୁଣ୍ଟ ଉପରେ ଯାତାୟାତ କରୁଥିବା ବେଳେ ଅନେକ ସମୟରେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଚାଷୀମାନେ ମଧ ବିଦ୍ୟୁତ୍ ଖୁଣ୍ଟ ଉପରେ କ୍ଷେତକୁ ଯିବା ଆସିବା କରନ୍ତି। ରହଣିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ହେଲେ ଶ୍ୟାସୁନ୍ଦରପୁର, ମାଳଦା ଓ ସାନ ମାଳଦା ଗ୍ରାମର ଲୋକେ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଗ୍ରାମ୍ୟ ରାସ୍ତା ହୋଇଥିବାରୁ ପ୍ରଶାସନର ଦୃଷ୍ଟି ପଡୁ ନ ଥିବା ଅଭିଯୋଗ ହେଉଛି। ବର୍ଷାଦିନ ପରେ ଉକ୍ତ ରାସ୍ତା କଂକ୍ରିଟ କରାଯିବା ସହ ସ୍ଲୁଇସ୍ ଗେଟ୍ ପୋଲର ଛାତ ପଡ଼ିବା ପାଇଁ ଯୋଜନା କରାଯାଇଛି ବୋଲି ରହଣିଆ ପଞ୍ଚାୟତ ସରପଞ୍ଚ ରଞ୍ଜନ ପରିଡ଼ା କହିଛନ୍ତି।

# ଅଧାରେ ଅଟକିଛି କଲ୍ୟାଣ ମଣ୍ଡପ

ତିହିଡ଼ି,୩।୯ (ସଞ୍ଜିତ ବଳ)

- ଫଳକରୁ ଲିଭାଯାଇଛି ଅନୁଦାନ ରାଶି
- ନିମ୍ନମାନର କାର୍ଯ୍ୟ କରି ଅର୍ଥ ହଡ଼ପ ଅଭିଯୋଗ

ଗ୍ରାମାଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ସରକାରଙ୍କ ପକ୍ଷରୁ ଅନୁଦାନ ଯୋଗାଇ ଦିଆଯାଉଛି। ମାତ୍ର ଏହି ଅନୁଦାନର ଠିକ୍ ବିନିଯୋଗ ହୋଇପାରୁ ନାହିଁ। କେଉଁଠି ନାମକୁ ମାତ୍ର କାର୍ଯ୍ୟ କରାଯାଉଛି ତ ଆଉ କେଉଁଠି ଅଧା କାର୍ଯ୍ୟ କରାଯାଇ ଅର୍ଥରାଶି ହଡ଼ପ କରାଯାଉଛି। ଏହାର ଉଦାହରଣ ଦେଖିବାକୁ ମିଳିଛି ତିହିଡ଼ି ବ୍ଲକ ଅଧୀନ ଦୌଲତପୁର ପଞ୍ଚାୟତର ଅର୍ଜ୍ଜୁନବିନ୍ଧା ଗ୍ରାମରେ। ଗ୍ରାମବାସୀ ଏ ସମ୍ପର୍କରେ ଅଭିଯୋଗ କରିବା ପରେ ଘଟଣା ଲୋକଲୋଚନକୁ ଆସିଛି। ଗ୍ରାମରେ ଏକ କଲ୍ୟାଣ ମଣ୍ଡପର ନିର୍ମାଣ କାର୍ଯ୍ୟ ଅଧାରେ ଅଟକି ରହିଛି। ୮ ବର୍ଷ ପୂର୍ବେ ୪୦ଲକ୍ଷ ଟଙ୍କା ଅନୁଦାନରେ ଏହି ମଣ୍ଡପର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଅଧାପନ୍ତରିଆ ଅବସ୍ଥାରେ ରହିଛି। କଲ୍ୟାଣ ମଣ୍ଡପ ପାର୍ଶ୍ୱରେ ତିଆରି ହୋଇଥିବା ସୂଚନା ଫଳକରେ ସବୁ ଲେଖାଥିବା ବେଳେ ଅନୁଦାନ ରାଶିର ପରିମାଣକୁ ଲିଭାଇ ଦିଆଯିବା ଘଟଣାରୁ ଅର୍ଥ ବାଟମାରଣା ହୋଇଥିବା ନେଇ



ଅର୍ଜ୍ଜୁନବିନ୍ଧା ଗ୍ରାମରେ ଅଧାପନ୍ତରିଆ ଅବସ୍ଥାରେ ରହିଥିବା କଲ୍ୟାଣ ମଣ୍ଡପ।

ଗ୍ରାମବାସୀଙ୍କ ଅଭିଯୋଗରେ ସତ୍ୟତା ଥିବା ପ୍ରମାଣ ମିଳୁଛି। ଗ୍ରାମବାସୀ ବିଭିନ୍ନ ସମୟରେ ଜିଲାପାଳ, ବିଡିଓ ପ୍ରମୁଖଙ୍କ ନିକଟରେ ଅଭିଯୋଗ କରି ଅର୍ଥ ବାଟମାରଣାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜଣାଇଥିଲେ। ମାତ୍ର କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ ଆଣି ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସେମାନେ ଦର୍ଶାଇଛନ୍ତି ଯେ, ଭଦ୍ରକ-ଚାନ୍ଦବାଲି ରାସ୍ତାଠାରୁ ଅଳ୍ପ କିଛି ଦୂରରେ ଅର୍ଜ୍ଜୁନବିନ୍ଧା ଗ୍ରାମରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଚତୁର୍ଦ୍ଦଶ ଅର୍ଥ କମିଶନରୁ ୨୦୧୬-୧୭ ଆର୍ଥିକ ବର୍ଷରେ ୪୦ ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା। ପରେ ପଞ୍ଚାୟତ ସମିତି ମାଧ୍ୟମରେ ମଣ୍ଡପର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ମଣ୍ଡପର ଅଧା କାନ୍ଥ ପର୍ଯ୍ୟନ୍ତ ନିର୍ମାଣ ହେବା ପରେ କାର୍ଯ୍ୟ ବନ୍ଦ ହୋଇ ଯାଇଥିଲା। ଯାହା ଆଜିଯାଏ ଅଧାରେ ଅଟକି ରହିଛି। ତେବେ ଯାହା କାମ ହୋଇଛି, ତାହା ନିମ୍ନମାନର ଏବଂ କାର୍ଯ୍ୟଠାରୁ ଯଥେଷ୍ଟ ଅଧିକ ଟଙ୍କା ବିଲ୍ କରି ନିଆଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ପୂର୍ବତନ ସରପଞ୍ଚ ଜୟବାଙ୍ଗଲା ବେହେରା, ଭାଜପା ନେତା ମଙ୍ଗରାଜ ନାୟକ, କୁଳମଣି ଗୋଚ୍ଛାୟତ, ବିଜୟ ଗୋଚ୍ଛାୟତ, ଶଶିକାନ୍ତ ବେହେରା, ହୃଷୀକେଶ ବେହେରା, ବଟକୃଷ୍ଣ ବେହେରା ପ୍ରମୁଖ ବିଭିନ୍ନ ସମୟରେ ବିଡିଓଙ୍କ ନିକଟରେ ଅଭିଯୋଗ କରିବା ସହ ଜିଲାପାଳଙ୍କ ନିକଟରେ ମିଳିତ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ମାତ୍ର ୭ ଦିନ ବିତିଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ସେମାନଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ସେମାନେ ସୂଚନା ଅଧିକାର ଆଇନ ବଳରେ ସେହି ଅଧାପନ୍ତରିଆ କଲ୍ୟାଣ ମଣ୍ଡପର ତଥ୍ୟ ମାଗିଥିବା ଜଣାଯାଇଛି। ଏ ସମ୍ପର୍କରେ ବିଡିଓ ଜ୍ୟୋତିର୍ମୟ କର କହିଛନ୍ତି, ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗପତ୍ର ରହିଛି। ଜିଲାପାଳଙ୍କ ନିର୍ଦ୍ଦେଶ ମିଳିଲେ ତଦନ୍ତ କରାଯାଇ ରିପୋର୍ଟ ପ୍ରଦାନ କରାଯିବ।

## ସଂକ୍ଷେପରେ

### ଅପହୃତା ନାବାଳିକା ଉଦ୍ଧାର

ବୈଶିଙ୍ଗା,୩।୯(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଞ୍ଚଳରୁ ମାସେ ପୂର୍ବରୁ ଅପହୃତ ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ କପ୍ତିପଦା ଥାନା ଅଞ୍ଚଳରୁ ଉଦ୍ଧାର କରିଛି ବୈଶିଙ୍ଗା ପୋଲିସ। ସୂଚନା ଅନୁଯାୟୀ, ଗତ ମାସ ୭ ତାରିଖରେ ମା’ ବାପା କାମକୁ ଯାଇଥିବା ବେଳେ କପ୍ତିପଦା ଥାନା ଅଞ୍ଚଳର ରାଇସେନ ସିଂଙ୍କ ପୁଅ ମିଟୁ ନାବାଳିକାଙ୍କୁ ଅପହରଣ କରିନେଇଥିବା ବୈଶିଙ୍ଗା ଥାନାରେ ଅଭିଯୋଗ ହୋଇଥିଲା। ଥାନା ଅଧିକାରୀ ତପନ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଏସ୍ଆଇ ଭାବଗ୍ରାହୀ ମହାନ୍ତ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଦୀର୍ଘ ୧ମାସ ପରେ ଥାନା ଅଧିକାରୀ ବିଶେଷ ସୂତ୍ରରୁ ଖବର ପାଇ ସୋମବାର କପ୍ତିପଦା ଥାନା ଅଧୀନ ବଡ଼ଝୁମପାଳ ଗାଁରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିଥିଲା ବେଳେ ଅଭିଯୁକ୍ତ ସେଠାରୁ ଚମ୍ପଟ ମାରିଥିବା ପୋଲିସ କହିଛି।

### ଧାନ ଫସଲ ନଷ୍ଟ କଲେ ହାତୀ

ମୋରଡ଼ା,୩।୯(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡା ବ୍ଲକରେ ବର୍ଷ ତମାମ ହାତୀ ଉପଦ୍ରବ ଜାରି ରହିଥିବା ବେଳେ ହାତୀ ଉପଦ୍ରରେ ଅଞ୍ଚଳବାସୀ ଅତିଷ୍ଠ ହୋଇପଡ଼ିଲେଣି। ସୂଚନା ମୁତାବକ, ସୋମବାର ରାତି ୯ଟାରୁ ସକାଳ ଚାରିଟା ଯାଏ ଏହି ବ୍ଲକ ତଥା ରାସଗୋବିନ୍ଦପୁର ରେଞ୍ଜ ଅଧୀନ ହଳଦୀପାଳ ପଞ୍ଚାୟତର ସମାଇଡ଼ିହି ଗ୍ରାମରେ ଏକ ୭ ଟିକିଆ ଶମିଳିପାଳ ହାତୀ ପଲ ଏକାଧିକ ଚାଷୀଙ୍କ ଧାନ ବିଲ ନଷ୍ଟ କରିଥିବା ଦେଖିବାକୁ ମିଳିଛ। ଉକ୍ତ ଗ୍ରାମର ବାରିଆଳ ହାଁସଦାଙ୍କ ପ୍ରାୟ ଏକ ଏକର ଧାନ ବିଲରେ ଉକ୍ତ ହାତୀ ପଲ ପଶି ଧାନ ତଳି ଖାଇ ନଷ୍ଟ କରିଛନ୍ତି। ସେହିପରି ଅନ୍ୟ ଚାଷୀମାନଙ୍କର ମଧ୍ୟ ଧାନ ତଳି ନଷ୍ଟ ହୋଇଛ। ଏବାବଦରେ ରେଞ୍ଜର ଘନଶ୍ୟାମ ସିଂଙ୍କୁ ପଚାରିବାରୁ ବର୍ତ୍ତମାନ କ୍ଷତିଗ୍ରସ୍ତ ଚାଷୀମାନେ ଅନୁକମ୍ପା ନାମକ ଆପରେ ଫଟୋ ଅପଲୋଡ୍ କରି ଜଣାଇଲେ ସରକାରଙ୍କ ପକ୍ଷରୁ ସେମାନଙ୍କୁ ସହାୟତା ମିଳି ପାରିବ ବୋଲି କହିଛନ୍ତି।

# ବନ୍ୟପ୍ରାଣୀ ସଂରକ୍ଷଣ ଆଇନକୁ ଅଣଦେଖା

ବାରିପଦା,୩।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ଉଲ୍ଲଂଘନ କରାଯାଉଥିବାରୁ ପ୍ରାଣୀପ୍ରେମୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶିମିଳିପାଳ ଅଭୟାରଣ୍ୟ ପାଦଦେଶ ସନ୍ନିକଟ ଗ୍ରାମରୁ ଏକ ୧୧ଫୁଟର ଅହିରାଜ ସାପକୁ ଧରାଯାଇ ଜଙ୍ଗଲରେ ଛଡ଼ାଯାଇଛି। ସାପଟି ବାରିପଦା ଡିଭିଜନ ଅଧୀନ ପିଠାବଟା ରେଞ୍ଜ ଅଞ୍ଚଳରୁ ବାହାରି ଖାଦ୍ୟ ଅନ୍ୱେଷଣରେ ଖୁଣ୍ଟା ଥାନା ଅଧୀନ ବାଙ୍ଗରା ଗାଁକୁ ଚାଲି ଆସିଥିଲା। ପରେ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ସାପଟି ପଶିଯିବାରୁ ପରିବାର ଲୋକେ ଭୟଭୀତ ହୋଇ ଘରୁ ବାହାରକୁ ବାହାରି ଆସିଥିଲେ। ସାପଟିକୁ ଧରିବା ପାଇଁ ବନ ବିଭାଗକୁ ଖବର ଦିଆଯାଇଥିଲା । ମାତ୍ର ବିଭାଗୀୟ ସାପ ଧରାଳି ଘଟଣାସ୍ଥଳକୁ ନ ଯାଇ ତିନି ଅଣକର୍ମଚାରୀ ସାପ ଧରାଳି ଅହିରାଜକୁ ଧରି ବାରିପଦା ରେଞ୍ଜ କାର୍ଯ୍ୟାଳୟକୁ ଆଣିଥିଲେ। ସାପଟିର ଲମ୍ବ ଓ ମୋଟେଇ ମାପିବାକୁ ନେଇ କାର୍ଯ୍ୟାଳୟ ପରିସରରେ ସାପଟିକୁ ଛାଡ଼ିଥିଲେ। ତେବେ ସାପଟିର ଓଜନ ୬କିଗ୍ରା ୭ଶହ ଗ୍ରାମ ହୋଇଥିବା ବେଳେ ଏହାର ଲମ୍ବ ୧୧ଫୁଟ ଥିଲା। ସ୍ଥାନୀୟ ଲୋକେ ସାପଟିର ଫଟୋ ଓ ଭିଡିଓ ଉତ୍ତୋଳନ କରି ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ପରେ ସାପଟିକୁ ନେଇ ଜଙ୍ଗଲରେ ଛାଡ଼ି ଦିଆଯାଇଥିଲା। ତେବେ ଏଭଳି ଘଟଣାରେ



ବାରିପଦା ରେଞ୍ଜ କାର୍ଯ୍ୟାଳୟରେ ଅହିରାଜର ଲମ୍ବ ମାପ କରାଯାଉଛି ।

ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ଉଲ୍ଲଂଘନ କରାଯାଇଥିବାରୁ ପ୍ରାଣୀପ୍ରେମୀମାନେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ଅହିରାଜ ସାପ ଭଳି କେତେକ ବିଲୁପ୍ତପ୍ରାୟ ଜନ୍ତୁ ସିଡ୍ୟୁଲ୍-୧ ପ୍ରଜାତିର ହୋଇଥିବା ବେଳେ ଏମାନଙ୍କୁ ଉଦ୍ଧାର କରିବା ସମୟରେ ବନ ବିଭାଗ କର୍ମଚାରୀଙ୍କ ଉପସ୍ଥିତି ଜରୁରୀ। ଏହି ପ୍ରଜାତିର ଜନ୍ତୁଙ୍କୁ ମାରିବା, ଶିକାର କରିବା ଓ ବିକ୍ରି କରୁଥିବା ବ୍ୟକ୍ତିଙ୍କୁ ୩ ବର୍ଷରୁ ୭ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଭୋଗିବା ସହ ଏକ ଲକ୍ଷ ଟଙ୍କା ଜରିମାନା ହେବା ନେଇ କଠୋର ଆଇନ ପ୍ରଣୟନ କରାଯାଇଛି। ତେବେ ବନ ବିଭାଗର ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ନ ଦେଇ ଅଣ କର୍ମଚାରୀଙ୍କ ସହାୟତାରେ ସାପକୁ ଧରିବା ଏବଂ ବାରିପଦା କାର୍ଯ୍ୟାଳୟକୁ ଆଣି ଏହାର ଓଜନ, ଲମ୍ବ ମାପିବା ନିୟମ ବହିର୍ଭୂତ ବୋଲି ପ୍ରାଣୀପ୍ରେମୀ ବିଭୁଦତ୍ତ ଦାସ ପ୍ରକାଶ କରିଛନ୍ତି। ସିଡ୍ୟୁଲ୍ଡ-୧ ପ୍ରଜାତିର ବନ୍ୟପ୍ରାଣୀଙ୍କୁ ଧରିବା ସମୟରେ ଉପଯୁକ୍ତ ବ୍ୟବସ୍ଥା, ଧରିବା ପରେ ସୁରକ୍ଷିତ ସ୍ଥାନରେ ରଖିବା ଓ ଶରୀରରେ କ୍ଷତ ନ ହେବା ଭଳି ଦିଗ ପ୍ରତି ସଜାଗ ରହିବାର ବ୍ୟବସ୍ଥା ରହିଛି। ବନ୍ୟଜନ୍ତୁଙ୍କୁ ଉଦ୍ଧାର କରିବାଠାରୁ ସୁରକ୍ଷିତ ସ୍ଥାନରେ ଛାଡ଼ିବା ପର୍ଯ୍ୟନ୍ତ ଜନଗହଳିକୁ ଏଡ଼ାଇବାର ନିୟମ ରହିଛି। ଉଦ୍ଧାର ବନ୍ୟଜନ୍ତୁଙ୍କ ଫଟୋ କିମ୍ବା ଭିଡିଓ ଉତ୍ତୋଳନ କରିବା ଏବଂ ସୋସିଆଲ ମିଡିଆରେ ଭାଇରାଲ କରିବାର ନିୟମ ମଧ୍ୟ ନ ଥିବା ବେଳେ ଏହାକୁ ଉଲ୍ଲଂଘନ କରାଯାଇଛି। ସେହିପରି ଛାଡ଼ିବା ସ୍ଥାନଟି ଜନ୍ତୁର ଉପଯୁକ୍ତ ପରିବେଶ ହୋଇଥିବା ଜରୁରୀ । ଏହାକୁ ଦେଖି ବନ ବିଭାଗ ସିଦ୍ଧାନ୍ତ ଗ୍ରହଣ କରିବା ପରେ ଜନ୍ତୁକୁ ଛଡ଼ା ଯାଇଥାଏ । ତେବେ ନିଜ ବାସସ୍ଥାନଠାରୁ ଦୂରରେ ଛାଡ଼ିଲେ ଅନ୍ୟ ପ୍ରାଣୀଙ୍କ ହାବୁଡ଼ରେ ପଡ଼ି ଅହିରାଜର ମୃତ୍ୟୁ ଘଟିପାରେ ବୋଲି ଆଶଙ୍କା ରହିଛି। ତେବେ ବନ ବିଭାଗର ଅବହେଳା ଓ ସଚେତନତା ଅଭାବରୁ ଅନେକ ବନ୍ୟଜନ୍ତୁ ଅସୁରକ୍ଷିତ ହୋଇପଡୁଛନ୍ତି। ସେମାନଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ସରକାର ପଦକ୍ଷେପ ନେଉଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ। ଏ ସମ୍ପର୍କରେ ବାରିପଦା ଡିଭିଜନର ବନାଞ୍ଚଳ ଅଧିକାରୀ ଡ.ଏ.ଉମା ମହେଶଙ୍କୁ ପଚାରିବାରୁ ବିଭାଗୀୟ କର୍ମଚାରୀଙ୍କ ଉପସ୍ଥିତିରେ ସାପକୁ ଧରାଯାଇଛି। ଉଦ୍ଧାର ପରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନକୁ ହସ୍ତାନ୍ତର କରାଯାଇଥିଲା। ପରେ ବିଭାଗୀୟ ଡାକ୍ତରଙ୍କ ପରାମର୍ଶ କ୍ରମେ ପିଠାବଟା ରେଞ୍ଜ ଅଞ୍ଚଳରେ ଛାଡ଼ି ଦିଆଯାଇଥିଲା ବୋଲି କହିଛନ୍ତି।

# ପିଇଓଙ୍କ ବଦଳି ବାତିଲ ଦାବିରେ ଧାରଣା

ବେତନଟୀ,୩।୯(ଧରଣୀଧର ମହାନ୍ତି)

ବେତନଟୀ ବ୍ଲକ ସଠିଲୋ ପଞ୍ଚାୟତରେ କାର୍ଯ୍ୟରତ ନିର୍ବାହୀ ଅଧିକାରୀ(ପିଇଓ) କେଦାରନାଥ ରାମଙ୍କ ଅନ୍ୟ ପଞ୍ଚାୟତକୁ ବଦଳି ହୋଇଛି। ତାଙ୍କ ବଦଳି ବାତିଲ କରିବା ଦାବିରେ ସରପଞ୍ଚ ଦେବୀମଣି ସିଂ, ପ୍ରାକ୍ତନ ସରପଞ୍ଚ ବିଜୟ ସିଂ, ସମିତି ସଭ୍ୟ କିଶୋର କୁମାର ନାୟକଙ୍କ ସମେତ ଏକାଧିକ ୱାର୍ଡମେମ୍ବର ଓ ଗ୍ରାମବାସୀ ମଙ୍ଗଳବାର ଧାରଣାରେ ବସିଥିଲେ। ପରେ ବିଡିଓ



ଧାରଣାରେ ବସିଥିବା ନିର୍ବାଚିତ ପ୍ରତିନିଧି।

ଗୋପୀନାଥ ଖାଖା ହସ୍ତକ୍ଷେପ କରି ୩ ଦିନ ମଧ୍ୟରେ ଏହାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ଠାକୁରମୁଣ୍ଡା,୩।୯(ତାରାକାନ୍ତ ପଟ୍ଟନାୟକ)

ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାର ଜୋଡାମ୍ବ ଘାଟି ରାସ୍ତା କଡ଼ରେ ଥିବା ସୁରକ୍ଷା ବାଡ଼ରେ ମଙ୍ଗଳବାର ଏକ ବାଇକ୍ ପିଟି ହୋଇ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳର ବାବୁଲି ରାଉତ (୩୫)। ଗୁରୁତର କାର୍ତ୍ତିକ ଚନ୍ଦ୍ର ବେହେରା (୫୨) ବୋଲି ଜଣାପଡ଼ିଛି। ସେମାନେ କୌଣସି କାମରେ ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ଗ୍ରାମକୁ ଯାଉଥିଲା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

# କାନ୍ଦବୋବାଳିରେ ଫାଟି ପଡ଼ିଲା ଗାଁ



ଶୋକାକୁଳ ଆତ୍ମୀୟ ସ୍ୱଜନ।

ଉଦଳା,୩।୯(ସନ୍ତୋଷ କୁମାର ବାଛିନୀ)

ଉଦଳା-ବାରିପଦା ରାଜ୍ୟ ରାଜପଥରେ ସୋମବାର ରାତିରେ ପୋଲିସ ଭ୍ୟାନ୍‌କୁ ଏକ ୧୦୮ ଆମ୍ବୁଲାନ୍ସ ଧକ୍କା ଦେବାରୁ କାର୍ଯ୍ୟରତ ହୋମଗାର୍ଡ ଲକ୍ଷ୍ମୀଧର ମହାନ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ଆଇଆଇସିଙ୍କ ସମେତ ୪ ଜଣ ଗୁରୁତର ହୋଇଛନ୍ତି। ଲକ୍ଷ୍ମୀଧରଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଉଦଳା ବ୍ଲକ ଦୁଗୁଦା ପଞ୍ଚାୟତ ଅନ୍ତର୍ଗତ ବଡ଼ବିଲା ଗାଁକୁ ଆସିଥିଲା। ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରିବାର ଲୋକ ଓ ସମ୍ପର୍କୀୟଙ୍କ କାନ୍ଦ ବୋବାଳିରେ ଗାଁ ଫାଟି ପଡ଼ିଥିଲା। ଲକ୍ଷ୍ମୀଧରଙ୍କ ସ୍ତ୍ରୀ କନକଲତାଙ୍କ କହିବା ଅନୁଯାୟୀ, ସବୁଦିନ ପରି ସେ ଘରୁ ହସି ହସି ବାହାରି ଯାଇଥିଲେ। ହେଲେ ମୁଁ ଜାଣି ନ ଥିଲି ଯେ, ଏମିତି ହେବ ବୋଲି। ନୂଆ ଘରଟିଏ କରିଥିଲୁ, ସେଠି ଏବେ ଆଉ କିଏ ରହିବ ବୋଲି କନକଲତା କୋହଭରା କଣ୍ଠରେ କହିଛନ୍ତି।

**ଗାଁ ମୁଣ୍ଡରେ ଦିଆଗଲା ଗାର୍ଡ ଅଫ୍ ଅନର**

ଗାଁ ମୁଣ୍ଡରେ ଲକ୍ଷ୍ମୀଧରଙ୍କ ମୃତଦେହକୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଉପଖଣ୍ଡ ପୋଲିସ୍ ଅଧିକାରୀଙ୍କ ସହିତ ହୋମଗାର୍ଡ ଡିଏସ୍‌ପି, ଅନ୍ୟ ପୋଲିସ୍ କର୍ମଚାରୀ ଏବଂ ଉଦଳା ବିଡିଓ ତୃପ୍ତି ବରାଇ ପ୍ରମୁଖ ପହଞ୍ଚି ମୃତଦେହରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

**ସହକର୍ମୀ ଦେଲେ କାନ୍ଧ**

ଲକ୍ଷ୍ମୀଧରଙ୍କ ମୃତଦେହକୁ ଘରକୁ ନେବା ପାଇଁ କାନ୍ଧ ଦେଇଥିଲେ ତାଙ୍କ ସହିତ ଦୀର୍ଘ ବର୍ଷ ହେବ କାମ କରି ଆସିଥିବା ସହକର୍ମୀମାନେ। ସେମାନେ ମୃତଦେହକୁ କାନ୍ଧେଇ ନେବା ସହିତ ରାମନାମ ସତ୍ୟ ହେ ହରିନାମ ସତ୍ୟ ହେ କହି ଘରେ ପହଞ୍ଚାଇଥିଲେ। ତାଙ୍କର ଏଭଳି ଅକାଳ ବିୟୋଗରେ କାନ୍ଦିଥିଲେ ମହିଳା ହୋମଗାର୍ଡ।

**ବାମରୁ ଡାହାଣକୁ ଆସି ବାଡ଼େଇଲା ଆମ୍ବୁଲାନ୍ସ**

ପୋଲିସ୍ ଭ୍ୟାନଟି ଉଦଳା ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପ ସମ୍ମୁଖ ରାସ୍ତାର ବାମ ପାର୍ଶ୍ୱରେ ଛିଡ଼ା ହୋଇଥିଲା। ସିସିଟିଭିରେ କଏଦ ହୋଇଥିବା ଭିଡିଓ ଅନୁସାରେ ଆମ୍ବୁଲାନ୍ସଟି ଦ୍ରୁତଗତିରେ ବାମ ପାଖରେ ଆସୁଥିବା ବେଳେ ହଠାତ୍ ଡାହାଣ ପାଖକୁ ଚାଲି ଆସି ପୋଲିସ୍ ଗାଡ଼ିକୁ ଧକ୍କା ଦେଇଥିଲା।

### ଛାତ୍ରୀଙ୍କୁ ବଳାତ୍କାର, ଯୁବକ ଗିରଫ

ବେତନଟୀ,୩।୯(ଧରଣୀଧର ମହାନ୍ତି)

ବେତନଟୀ ଥାନା ଅଞ୍ଚଳର ଜଣେ +୨ ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ବେତନଟୀ ଥାନା ଅଧୀନ ଭାଲୁକଟୁଆ ଗ୍ରାମର ରାଜେଶ ମହାନ୍ତ (୨୦)। ଏନେଇ ଥାନାରେ ଏକ ମାମଲା(ନଂ.୨୫୪/୨୪) ରୁଜୁ ହୋଇଛି।

## କେନ୍ଦୁଝର

### ସାପ କାମୁଡ଼ାରେ ବୃଦ୍ଧା ମୃତ

ଛେନାପଦି, ୩।୯ (ନିରାକାର ପରିଡ଼ା)

କେନ୍ଦୁଝର ଜିଲା ସୋସୋ ଥାନା ଅଧୀନ ସଡ଼ା ଗ୍ରାମର ଲଳିତା ଜେନା(୬୨)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ମଙ୍ଗଳବାର ଭୋର ସମୟରେ ସେ ଶୌଚ ହେବାକୁ ଘର ବାହାରକୁ ଯାଇଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ିଥିଲା। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସୋସୋ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

# ୫୫ ଗାଁରେ ନାହିଁ ମୋବାଇଲ ନେଟ୍‌ୱର୍କ

କେନ୍ଦୁଝର,୩।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବଣପାହାଡ଼ ଘେରା ତେଲକୋଇ ନିର୍ବାଚନ ମଣ୍ଡଳୀ ଅଧୀନ ତେଲକୋଇ ଓ ବାଂଶପାଳ ବ୍ଲକରେ ମୋବାଇଲ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସରକାରୀ ସୂଚନା ଅନୁଯାୟୀ, ୫୫ ଗାଁରେ ମୋବାଇଲ ନେଟ୍‌ୱର୍କ ସେବା ଉପଲବ୍ଧ ହେଉନାହିଁ। ତେବେ ଏହି ସଂଖ୍ୟା ଯଥେଷ୍ଟ ଅଧିକ ହେବ ବୋଲି ସ୍ଥାନୀୟ ଲୋକ କହୁଛନ୍ତି। ବିଶେଷ କରି ଦୁର୍ଗମ ଅଞ୍ଚଳର ଅନେକ ଗ୍ରାମରେ ଏହି ସମସ୍ୟା ଲାଗିରହିଛି। ଫଳରେ ସ୍ଥାନୀୟ ଲୋକେ ଯୋଗାଯୋଗ କରିବାରେ ସମସ୍ୟା ଭୋଗୁଛନ୍ତି। ଜରୁରୀକାଳୀନ ଆମ୍ବୁଲାନ୍ସ, ଦମକଳ ସେବା ପାଇବାରେ ଅସୁବିଧା ହେଉଛି। ସେହିପରି ପିଲାଙ୍କ ପାଠପଢ଼ାରେ ମଧ୍ୟ ସମସ୍ୟା ଦେଖାଦେଉଛି। ଅନେକ ମୋବାଇଲ ଟାୱାର କାମ କରୁ ନ ଥିବା ବେଳେ କେତେକ ବନ୍ଦ ରହିଥିବା ମଧ୍ୟ ଅଭିଯୋଗ ହୋଇଛି। ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି ଯେ, ଉକ୍ତ ଅଞ୍ଚଳରେ ମୋବାଇଲ ଟାୱାର କାର୍ଯ୍ୟକ୍ଷମ ହେଉ ନ ଥିବା ସମ୍ପର୍କୀୟ ସୂଚନା ତାଙ୍କ ବିଭାଗ ପାଖରେ ନାହିଁ । ଭାରତୀୟ ଦୂରସଂଚାର ବିଭାଗର ସୂଚନା ଅନୁଯାୟୀ, ତେଲକୋଇ ନିର୍ବାଚନ ମଣ୍ଡଳୀର ୪୮୬ ଗ୍ରାମରୁ ୪୩୧ଟି ଗ୍ରାମରେ ମୋବାଇଲ ସେବା ଉପଲବ୍ଧ ଅଛି । ଅବଶିଷ୍ଟ ୫୫ ଗ୍ରାମ ମଧ୍ୟରୁ ୪୩ଟି ଗ୍ରାମକୁ ମୋବାଇଲ ସେବା ଯୋଗାଇଦେବାକୁ ବିଏସ୍ଏନ୍ଏଲ୍ ୪ଜି ସାଚୁରେସନ ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରାଯାଇଛି। ଅବଶିଷ୍ଟ ୧୨ଟି ଗ୍ରାମକୁ ମୋବଇଲ ସେବା ଯୋଗାଇଦେବା ପାଇଁ ଅନୁରୋଧ କରାଯାଇଛି ।

# ଝୁଡ଼ିଆ ଘାଟିରେ ଅଟକିଛି ଭାରିଯାନ



ବ୍ରେକ୍ ଡାଉନ ଯୋଗୁ ଅଟକି ରହିଥିବା ହାଇୱା।

କେନ୍ଦୁଝର,୩।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହର ଉପାନ୍ତ ୪୯ନଂ. ଏନ୍ଏଚ୍‌ରେ ଥିବା ଝୁଡ଼ିଆ ଘାଟିରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବାରୁ ଧନଜୀବନ ହାନୀ ଘଟୁଛି। କେତେବେଳେ ଘାଟି ପାହାଡ଼ରୁ ପଥର ଖସି ତ କେତେବେଳେ ରାସ୍ତାରେ ବ୍ରେକ୍ ଡାଉନ୍ ଗାଡ଼ି ଯାତାୟତରେ ସମସ୍ୟା ସୃଷ୍ଟି କରୁଛି । ଏହି ଘାଟିର ଉଠାଣି ରାସ୍ତାରେ ଏକ ହାଇୱା ଟ୍ରକ୍ ବ୍ରେକ୍ ଡାଉନ ହୋଇ ଛିଡ଼ା ହୋଇଥିଲେ ହେଁ ତୁରନ୍ତ ଏହାକୁ ସାଇଡ୍ କରି ସୁରକ୍ଷିତ ସ୍ଥାନକୁ ନେବା ବା ସଜାଡିବା ବ୍ୟବସ୍ଥା କରାଯାଉନାହିଁ। ଟ୍ରକ୍‌ଟି ରାସ୍ତା ଉପରେ ରହିଥିବାରୁ ଅନ୍ଧାର ବା ବର୍ଷା ରାତିରେ ଏହି ଉଠାଣି ରାସ୍ତାରେ କ୍ଷୀପ୍ରଗତିରେ ଗାଡ଼ି ଯିବାବେଳେ ଦୁର୍ଘଟଣା ଘଟିବା ଆଶଙ୍କା ରହୁଛି। ଏହି ଗାଡ଼ି ଚାରିପାଖରେ ସତର୍କତା ଫିତା

**ବାରମ୍ବାର ଦୁର୍ଘଟଣା ସତ୍ତ୍ୱେ ପଶୁନି ଚେତା**

ଲଗାଯାଇଥିଲେ ହେଁ ଦୂରରୁ ହଠାତ୍ ଦୃଶ୍ୟମାନ ହେଉନାହିଁ । ଏଣୁ ତୁରନ୍ତ ଏନେଇ ପ୍ରତିକାର ବ୍ୟବସ୍ଥା କରିବାକୁ ଦାବି ହେଉଛି। ସ୍ଥାନୀୟ ଗାଡ଼ିଚାଳକ ଯିବା ଆସିବାରେ ସତର୍କତା ଅବଲମ୍ବନ କରୁଥିଲେ ହେଁ ବାହାର ଅଞ୍ଚଳର ଗାଡ଼ିଚାଳକ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଆଇନଜୀବୀ ଦୈତାରୀ ଆପଟ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବାରମ୍ବାର ଦୁର୍ଘଟଣା ଘଟୁଥିଲେ ହେଁ ଘାଟି ରାସ୍ତାରେ ସତର୍କତା ସୂଚନା ବୋର୍ଡ ଲଗାଇବା ସହ ଆଲୋକ ବ୍ୟବସ୍ଥା କରାଯାଉନାହିଁ। ଦୁର୍ଘଟଣା ରୋକିବା ପାଇଁ ପ୍ରଶାସନ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରୁ ବୋଲି ପୁରୁଣା ସହରର ବରିଷ୍ଠ ନାଗରିକ ମଞ୍ଚ ଦାବି କରିଛି।

# ପୋଲ ନିର୍ମାଣରେ ବିଳମ୍ବ

**ଗମନାଗମନ ସୁବିଧାରୁ ବଞ୍ଚିତ ବିସ୍ଥାପିତ**

ଯୋଡ଼ା, ୩।୯(ମାନସ ମହାନ୍ତି)

କେନ୍ଦୁଝର ଯୋଡା ବ୍ଲକ ଅଧୀନ ବିରିକଳ ପଞ୍ଚାୟତ କାଳିଆ ବେଡ଼ା ସୁନାନଦୀଠାରେ କାନପୁର ଜଳସେଚନ ପ୍ରକଳ୍ପ ପକ୍ଷରୁ ବିସ୍ଥାପିତ ଅଞ୍ଚଳକୁ ସଂଯୋଗ ପାଇଁ କରାଯାଉଥିବା ପୋଲ ନିର୍ମାଣରେ ବିଳମ୍ବ ଯୋଗୁ ବିସ୍ଥାପିତମାନେ ଗମନାଗମନରେ ସମସ୍ୟା ଭୋଗୁଥିବା ଅଭିଯୋଗ ହୋଇଛି । ଦୀର୍ଘ ୩ବର୍ଷ ହେବ ଏହି ପୋଲ ନିର୍ମାଣ ସମ୍ପୂର୍ଣ୍ଣ କରାଯାଉ ନ ଥିବାରୁ କାନପୁର ବିସ୍ଥାପିତ କଲୋନୀକୁ ଗମନାଗମନ ପାଇଁ ରାସ୍ତା ସଂଯୋଗ ହୋଇପାରୁନାହିଁ।

କାନପୁର ପ୍ରକଳ୍ପ ପକ୍ଷରୁ ଦଡୁଆଁ, ଗୋବିନ୍ଦପୁର ଓ ବିରିକଳା ଗ୍ରାମର ୪୦୦ରୁ ଊର୍ଦ୍ଧ୍ୱ ପରିବାରକୁ ଧୁବୁଲା ବେଡାଠାରେ ଥଇଥାନ କରାଯାଇଛି। ଗତ ୩ ବର୍ଷରୁ ଊର୍ଦ୍ଧ୍ୱ ହେବ ବିସ୍ଥାପିତମାନେ ସେଠାରେ ଘର ନିର୍ମାଣ କରି ବସବାସ କରୁଛନ୍ତି। ଧୁବୁଲାବେଡାଠାରୁ ଯୋଡା ଓ ବିଲେଇପଦାକୁ ସଂଯୋଗ କରିବା ପାଇଁ କାଳିଆବେଡା ଗ୍ରାମର ସୁନାନଦୀ ଉପରେ ପୋଲ ନିର୍ମାଣ ସହିତ ରାସ୍ତା ପ୍ରଶସ୍ତୀକରଣ କରିବା ପାଇଁ କାନପୁର ପ୍ରକଳ୍ପ ପକ୍ଷରୁ ଯୋଜନା କରାଯାଇଥିଲା। ଗତ ଦୁଇ ବର୍ଷ ଧରି ନିର୍ମାଣ କାର୍ଯ୍ୟ ଚାଲିବା ପରେ ଏହାକୁ ସମ୍ପୂର୍ଣ୍ଣ କରା ନ ଯାଇ ଅଧାପନ୍ତରିଆ ଭାବେ ଛାଡି ଦିଆଯାଇଛି। ଏହି ପୋଲ ନିର୍ମାଣ ସମ୍ପୂର୍ଣ୍ଣ ହେଉ ନ ଥିବାରୁ ବିସ୍ଥାପିତ ଅଞ୍ଚଳକୁ ଗମନାଗମନ ସୁବିଧା ହୋଇ ପାରୁ ନ ଥିବା ବିସ୍ଥାପିତଙ୍କ ମଧ୍ୟରେ ଯୁଧିଷ୍ଠିର ମହାକୁଡ, ଶିବ ଗିରି, ଦର୍ଶନ ନାଏକ ଓ ଦେବାନନ୍ଦ ପାତ୍ର ପ୍ରମୁଖ କହିଛନ୍ତି। ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ,ବିସ୍ଥାପିତମାନଙ୍କୁ ପ୍ରକଳ୍ପ ପକ୍ଷରୁ ସର୍ବନିମ୍ନ ମୌଳିକ ସୁବିଧା ମଧ୍ୟ ଯୋଗାଇ ଦିଆଯାଇନାହିଁ। ଗାଁ ଗାଁ ରେ ରାଜ୍ୟ ସରକାର ବିଶୁଦ୍ଧ ପାନୀୟଜଳ ,ପକ୍କା ରାସ୍ତା, ଆଲୋକୀକରଣ ବ୍ୟବସ୍ଥା କରିଥିବା ବେଳେ ବିସ୍ଥାପିତ ଗ୍ରାମରେ ଏହି ସୁବିଧା ମିଳିପାରୁନାହିଁ। ଏ ନେଇ ବାରମ୍ବାର ଜିଲା ପ୍ରଶାସନ ଓ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରାଯାଉଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଭିଟାମାଟି ଛାଡ଼ିବା ପରେ ବିସ୍ଥାପିତମାନେ ଦୟନୀୟ ଅବସ୍ଥାରେ ରହୁଛନ୍ତି। ପୋଲ ନିର୍ମାଣ ଓ ରାସ୍ତା ନିର୍ମାଣ ସବୁ ଅଧାପନ୍ତରିଆ ଭାବେ ପଡିରହିଛି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବା ପାଇଁ ବିସ୍ଥାପିତମାନେ ଦାବି କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଏହି ପୋଲ ୪.୫ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି । ବର୍ଷା ଦିନ ପରେ ଏହାର କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି କାନପୁର ପ୍ରକଳ୍ପ ଏସ୍‌ଡିଓ ଅଜୟ କୁମାର ନାୟକ କହିଛନ୍ତି ।

# ଏଡ୍‌ସ ନିରାକରଣ ସଚେତନତା

ପାଟଣା,୩।୯ (ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗାସ୍ଥିତ ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜର ରେଡ୍ ରିବନ କ୍ଲବ ଓ ରେଡ୍‌କ୍ରସର ୩ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ବାହାରି ଏଡ୍‌ସର କାରଣ ଓ ନିରାକରଣ ସମ୍ପର୍କରେ ବିଭିନ୍ନ ସଚେତନତା ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରି ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଅଶତ୍ଥାମା ଗିରିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା ସଭାରେ ମୁଖ୍ୟଅତିଥି ଭାବେ ତୁରୁମୁଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସୁବାଷ ଚନ୍ଦ୍ର କର ଯୋଗଦେଇ ଏଡ୍‌ସ ବ୍ୟାପିବାର କାରଣ ଓ ଏହାକୁ ରୋକିବାର ଉପାୟ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ମୁଖ୍ୟବକ୍ତା ଯତୀନ୍ଦ୍ର କୁମାର ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ରେଡ୍‌କ୍ରସ ପରାମର୍ଶଦାତା ଅଧ୍ୟାପକ ପ୍ରଭଞ୍ଜନ ନାୟକ, ଅଧ୍ୟାପିକା ଅନ୍ନପୂର୍ଣ୍ଣା ମିଶ୍ର ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ରାଜେନ୍ଦ୍ର କୁମାର ମହନ୍ତ ଧନ୍ୟବାଦ ଦେଇଥିଲେ।




ଛାତ୍ରୀଛାତ୍ରଙ୍କ ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

# ସିଡିଓଙ୍କ ଚିଠିକୁ ନେଇ ସନ୍ଦେହ

**ବିଗତ ତାରିଖରେ ହେବ ଅପିଲ ଶୁଣାଣି**

ହାଟଡିହୀ,୩।୯(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ(ସିଡିଓ)ଙ୍କ କାର୍ଯ୍ୟାଳୟକୁ ମିଳିଥିବା ଡିଏମ୍ଏଫ୍ ଅନୁଦାନ ସମ୍ପର୍କିତ ସୂଚନା ପାଇଁ ହାଟଡିହୀ ବ୍ଲକ ଅଞ୍ଚଳରେ ଜଣେ ବ୍ୟକ୍ତି ସୂଚନା ଅଧିକାର ନିୟମ ଅନୁସାରେ ଆବେଦନ କରିଥିଲେ। କିନ୍ତୁ ଜନ ସୂଚନା ଅଧିକାରୀ କୌଣସି ସୂଚନା ପ୍ରଦାନ ନ କରି ଆବେଦନ ପତ୍ରଟିକୁ ଡିଏମ୍ଏଫ୍ ଅଫିସକୁ ପ୍ରେରଣ କରିଥିଲେ। ଫଳରେ ୧୩।୮।୨୦୨୪ରେ ସିଡିଓଙ୍କ କାର୍ଯ୍ୟାଳୟରେ ଏକ ଅପିଲ ହୋଇଥିଲା। ଅପିଲ ଶୁଣାଣି ପାଇଁ ଅପିଲେଟ ଅଧିକାରୀ (ସିଡିଓ)ଙ୍କ ଚିଠି ନଂ.୪୭୪୩/୩୦।୮।୨୦୨୪ ଅନୁସାରେ ଦିନ ଧାର୍ଯ୍ୟ କରିଛନ୍ତି। ଉକ୍ତ ଚିଠିରେ ଅପିଲ ଶୁଣାଣି ପାଇଁ ଆଶ୍ଚର୍ଯ୍ୟ ଏବଂ ଅସମ୍ଭବ ତାରିଖ ଦର୍ଶାଯାଇଛି। ଗତ ୬।୮।୨୦୨୪ ରେ ଶୁଣାଣି ହେବ ବୋଲି ଉଲ୍ଲେଖ ରହିଛି । ଏପରି ଚିଠିକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହାକୁ ନେଇ ଆବେଦନକାରୀ ଲିଖିତ ଭାବେ ସିଡିଓଙ୍କୁ ଜଣାଇଛନ୍ତି । ଆବେଦନକାରୀ ଜଣକ କହିଛନ୍ତି ଯେ, ଜିଲାରେ ସିଡିଓ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି କିପରି ଏମିତି ଚିଠି କଲେ ତାହା ବୁଝାପଡୁନି। ଅପର ପକ୍ଷେ ଚିଠି ପଢି ସିଡିଓ ଦସ୍ତଖତ କରିଛନ୍ତି ନା ତାଙ୍କ ବଦଳରେ ଆଉ କିଏ ଦସ୍ତଖତ କରିଛନ୍ତି ତାହା ବଡ଼ ପ୍ରଶ୍ନ ସାଜିଛି। ଯଦି ଏହି ଚିଠିରେ ଥିବା ଦସ୍ତଖତ ସିଡିଓଙ୍କ ହୋଇଥାଏ ତେବେ ବୁଝିବାକୁ ପଡ଼ିବ ଯେ ସିଡିଓ ଆଖି ବୁଜି ଦସ୍ତଖତ କରୁଛନ୍ତି। ଯାହାକି ଅଧିକାରୀଙ୍କ ଦକ୍ଷତା ଏବଂ ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ।



Sub: - Hearing of appeal petition Dated.13.08.2024

Sir,

With reference to the subject cited above, you are directed to attend before the undersigned on Date. ୦୬/୦୮/୨୦୨୪ At 10:30 AM for the hearing of your appeal petition Dtd.13.08.2024 under RTI Act, 2005 with relevant documents.

Yours faithfully,

[signature] ୩୦.୮.୨୪

Chief Development Officer-cum-
Executive Officer-cum-FFA,
Zilla Parishad, Keonjhar

ଅପିଲ ଶୁଣାଣି ଲାଗି ସିଡିଓ କରିଥିବା ଚିଠି।

